ଆଜକାଲି ଏଠାରେ ବେଶି ଶୀତ ଅନୁଭବ ହେଉ ନାହିଁ। ମାତ୍ର ଓଲାଉଠା କ୍ରମେ ୨ ଲୋକଙ୍କୁ ଆକ୍ରମଣ କରିବାରେ ତ୍ରୁଟି କରୁ ନାହିଁ ସଦା ଦାମ ବାଜାର ବୈଷ୍ଣବର ଲୋକେ ପୁଷ୍ୟାତ କରୁଅଛନ୍ତି। ସେ ଏଠାରେ ଥାଇ ଉପାସ୍ୟ କରୁଅଛି ଗତ ମାସରେ ଗୋଟିଏ ଘରରୁ ପହରିଙ୍କ ମଧ୍ୟରେ ୬ ୪ ଣ ଏ ରୋଗରେ ମୃତ୍ୟୁ ଲଭିଲେ।

ମୁସଲମାନ ମହାଜନମାନେ ଆସି ଏଠାରେ ଚାଉଳ ଧାନ୍ୟ ଓ କାରବାର ଇତ୍ୟାଦିରେ ଲାଗି ରହୁଅଛନ୍ତି ଆଜକାଲି ଚାଉଳର ଭାଉ ଯାନଗୌଣିରେ ୪୮ ହୋଇଅଛି।

ନଗରବଡ଼ି ଅଳ୍ପ ହେବାରୁ କାଠ ଓ ବାଉଁଶ ପ୍ରଭୃତ ଯାହା ଅଧିକ ସମୁଦ୍ରକୂଳ ଶଙ୍ଖୋପାଣି ତୁଲ୍ୟ, ଏଥିଯୋଗୁଁ ସାଧାରଣ ଜଳନ୍ତିକାଠ ଓ ବାଉଁଶ ଲାଗି ବଡ଼ ହରବର ହେଉଅଛନ୍ତି। ବର୍ତ୍ତମାନ ଯେ କପଡ଼ା ଛପରବନ୍ଦୀ ହେବ ଏ ଭାବନା ବଡ଼ ଚିନ୍ତା କରୁଅଛି।

ଗୋଟିଏ ମଦ୍ୟପାନ ଶିଶୁକୁ ମାରି ମାର୍କଣ୍ଡେଶ୍ୱରପୁଷ୍କରିଣୀର କୂଳଉପରେ ଶବ ପକାଇଦେଇ ଯାଇଥିଲା ତାହା ପୁଲିସ ପ୍ରାପ୍ତ ହୋଇ ଅନୁସନ୍ଧାନ କରୁଅଛନ୍ତି।

ଗତ ମାସ ତା ୧୭ ଖ ସୋମବାର ଘଡ଼ି ୨।୩ ସମୟରେ ପୁରୀ ଇନାରେଷ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁତ ବାବୁ ରାମଚନ୍ଦ୍ର ଅକ୍ଷ୍ୟ ମାନବଶାଳା ପରିଦର୍ଶନ କରିଅଛନ୍ତି।

---

## ପ୍ରେରିତପତ୍ର।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

---

ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକାସମ୍ପାଦକ-
ମହାଶୟସମୀପେଷୁ।—

ମହାଶୟ!

ଗତ ୧୫ ଖ ବୁଧବାର ବେଳ ଘ ୧୧ ଟା ସମୟରେ ଅମ୍ଭମାନଙ୍କର ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ କଲେକ୍ଟର ସାହେବ ମହୋଦୟ ଅତ୍ରତ୍ୟ ମଧ୍ୟମଶ୍ରେଣୀ ଇଂରାଜୀ ବିଦ୍ୟାଳୟର ଛାତ୍ରମାନଙ୍କ ପରୀକ୍ଷା କରିବା ନିମିତ୍ତ ଫକୀରପଡ଼ା ବଙ୍ଗଳାଠାରୁ ଉଠାଇବାରୁ ଅମ୍ଭେମାନେ ଛାତ୍ରମାନଙ୍କ ସହ ନିର୍ଦ୍ଦିଷ୍ଟସ୍ଥାନରେ ଉପସ୍ଥିତ ହେଲୁଁ। ସାହେବ ମହୋଦୟ ପ୍ରଥମେ ବାଳକମାନଙ୍କର ନାମ ଜାତି ଓ ବ୍ୟବସାୟ ପଚାରି ଇତ୍ୟାଦିରେ ଇଂରାଜୀ ଓଡ଼ିଆ ପୁସ୍ତକମାନଙ୍କରୁ ଅନେକ ବିଷୟମାନ ପରୀକ୍ଷା କଲେ। ଏହା ପ୍ରାୟ ୨ ଘଣ୍ଟାସମୟ ବ୍ୟାପି ହୋଇଥିଲା। ପରେ ବାଳକମାନଙ୍କୁ ଗମ୍ଭୀରଭାବ ପୂର୍ଣ୍ଣ ଅନେକ ଉପଦେଶ ପ୍ରଦାନ କଲେ ଏବଂ ଆପଣାର ମନ୍ତବ୍ୟ ଦର୍ଶନାଇ ପ୍ରାପ୍ତ ବହିରେ ପ୍ରକାଶ କଲେ ଓ ଛାତ୍ରମାନଙ୍କୁ ପୁରସ୍କାର ଦାନ କରିଦେବା ନିମିତ୍ତ ଲେଖିଦେଇ ଗଲେ। ସମସ୍ତ ବାଳକମାନେ କରତାଳିଦ୍ୱାରା ତାହାଙ୍କର ଜୟଘୋଷଣା ପ୍ରଚାର କରିବାରୁ ସାହେବ ମହୋଦୟ ଅତ୍ୟନ୍ତ ପ୍ରୀତ ହେଲେ; ଆଉ ସ୍କୁଲଠାରୁ ଗୋଟିଏ ସଡ଼କ ନ ଥିବାର ଜଣାଇବାରୁ ଉକ୍ତ ଅଭାବଟି ମୋଚନ କରିବାର ଆଜ୍ଞାପ୍ରଦାନ କଲେ। ଶ୍ରୀଯୁକ୍ତ ସେକ୍ରେଟରୀ ଜମିଦାର ଚଉଧୁରୀ ଶ୍ରୀବାବୁ ନରସିଂହ ପ୍ରହରାଜଙ୍କୁ ସ୍କୁଲର ଅଧିକାଂଶ ବ୍ୟୟ ଭାରବହନ କରିବାର ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇ ବାବୁ ମହୋଦୟଙ୍କୁ ଅନେକ ପ୍ରଶଂସା କଲେ। ଜଗତ୍ପିତା ପରମେଶ୍ୱରଙ୍କଠାରେ ଅମ୍ଭମାନଙ୍କର ଆନ୍ତରିକ ପ୍ରାର୍ଥନା ଏହିଯେ ଏପରି ସରଳପ୍ରକୃତିକ ବିଦ୍ୟାନୁରାଗୀ ଓ ପ୍ରଜାବତ୍ସଳ କଲେକ୍ଟର ମହୋଦୟଙ୍କୁ ଓଡ଼ିଶାରେ ଚିରସ୍ଥାୟୀ କଲେ ଭବିଷ୍ୟତରେ ଓଡ଼ିଶାର ଅନେକ ଶୁଭଫଳ ଫଳିପାରିବ ଇତି।

ସିଦ୍ଧେଶ୍ୱରପୁର
୨୦।୧୨।୮୬

ବଶମ୍ବଦ
Banchha Nidhi Mahanti
Head master.

---

ମହାଶୟ!

ଓଡ଼ିଆଗେଜେଟରେ ଷ୍ଟାମ୍ପସମ୍ବନ୍ଧୀୟ ବିଜ୍ଞାପନର ଧା ୨ ରେ ବୁଝାଯାଉ ନ ଥିବାରୁ ତାହା ଭୁଲ ଥିବାର ଆପଣ ଲେଖିଥିଲେ। ବୋଧହୁଏ ଏହା ଉକ୍ତ ଅନୁବାଦକଙ୍କ ବିରୁଦ୍ଧ ଥିବାରୁ ତାଙ୍କର ହେଡପଣ୍ଡିତ ଆପଣା ମନିବଙ୍କ ପୋଷକତାରେ ଖଣ୍ଡିଏ ପତ୍ର ଗଡ଼ସମ୍ବାଦରେ ପ୍ରକାଶ କରିଅଛନ୍ତି। ସେ ବୋଲନ୍ତି ପ୍ରଥମପୃଷ୍ଠାରେ ଅନୁବାଦ ଅସଙ୍ଗତ ବୋଧ ହୋଇପାରେ ମାତ୍ର ଅଗତ ଦେଖିଲେ ଜଣାଯିବ ଯେ ଅନୁବାଦରେ କୌଣସି ଦୋଷ ନାହିଁ। ଦୋଷ ନାହିଁ କପରି? ଅମ୍ଭେ କହୁଁ ତାହା ସମ୍ପୂର୍ଣ୍ଣ ଦୋଷଯୁକ୍ତ ଅଟେ। କାରଣ ଅମ୍ଭେ ତାହା ଆଦୌ ବୁଝି ନ ପାରି ଧନ୍ଦିହେଲୁଁ। ପୁଣି ହେଡପଣ୍ଡିତ ଯେ ଇଂରାଜୀ ବିଜ୍ଞାପନ ଆପଣାପତ୍ରରେ ଦେଇଥିଲେ ତହିଁରେ ତାଙ୍କ ଲେଖା ଦୋଷରୁ କିମ୍ବା ଆପଣଙ୍କ ଛାପାଦୋଷରୁ ଭୁଲ ଥିବାରୁ ଅଧିକ ବଣାହେଲୁଁ। ଶେଷ ୨ କେତେ କଷ୍ଟରେ ଅସଲ ବିଜ୍ଞାପନ ଖଣ୍ଡେ ପାଇବାରୁ ଯାଇ ଅର୍ଥ ବୁଝି ପାରିଲୁଁ। କାଳେ ଅମ୍ଭପରି ଅନ୍ୟ କେହି ୨ ବୁଝିପାରି ନ ଥିବେ ଏ ହେତୁ ଶୁଦ୍ଧ ଇଂରାଜୀ ବିଜ୍ଞାପନ ଅନୁବାଦକଙ୍କ ଅଶୁଦ୍ଧ ଓ ଅମ୍ଭକୃତ ଶୁଦ୍ଧ ଓଡ଼ିଆ ବିଜ୍ଞାପନ ନିମ୍ନେ ଲେଖିଲୁଁ ଯଥା।—

ଇଂରାଜୀ ଶୁଦ୍ଧ ବିଜ୍ଞାପନ।

2. Any instrument bearing an uncancelled adhesive stamp is considered as unstamped.

ଓଡ଼ିଆ ଗେଜେଟର ଅଶୁଦ୍ଧ ବିଜ୍ଞାପନ।

୨ କୌଣସି ନିଦର୍ଶନପତ୍ରରେ ଅକର୍ମଣ୍ୟ ହୋଇ ନ ଥିବା ଅଠାଲଗା ଷ୍ଟାମ୍ପ ଦିଆଯାଇଥିଲେ ମଧ୍ୟ ତାହା ଷ୍ଟାମ୍ପଦିଆଯାଇ ନ ଥିବାପରି ବିବେଚିତ ହେବ।

ଅମ୍ଭକୃତ ଶୁଦ୍ଧ ବିଜ୍ଞାପନ।

୨ କୌଣସି ନିଦର୍ଶନ ପତ୍ରରେ ଅଠାଲଗା ଷ୍ଟାମ୍ପ (ଯଥା ରସିଦଟିକଟ) ଦେଇ ସେ ଷ୍ଟାମ୍ପକୁ ମାରି ନ ଦେଲେ (କିମ୍ବା ନଷ୍ଟ କରି ନ ଦେଲେ) ଉକ୍ତ ନିଦର୍ଶନ ପତ୍ରରେ ଷ୍ଟାମ୍ପ ଦିଆଯାଇ ନ ଥିବାର ଜ୍ଞାନ କରାଯିବ।

ଷ୍ଟାମ୍ପ ଆଇନର ଧା ୧୧ ରେ କଥିଅଛି ଯେ କୌଣସି ନିଦର୍ଶନପତ୍ରରେ ଅଠାଲଗା ଷ୍ଟାମ୍ପ ଦିଆଗଲେ ସେ ଷ୍ଟାମ୍ପକୁ ଏପରି ମାରିଦେବାକୁ ହେବ କି ଯେପରି ତାହା ଆଉ ବ୍ୟବହାର ହୋଇ ନ ପାରିବ ଏପରି, ନଷ୍ଟ କରା ହୋଇ ନ ଥିଲେ ସେ ନିଦର୍ଶନପତ୍ରରେ ଷ୍ଟାମ୍ପ ଲଗି ନ ଥିବାର ଜ୍ଞାନ କରାଯିବ। ଏହିକଥା ପ୍ରଚାର କରିବାର ଉକ୍ତ ବିଜ୍ଞାପନର ଉଦ୍ଦେଶ୍ୟ। ଏକଥା ଅମ୍ଭ ବିଜ୍ଞାପନ ପଢ଼ିଲାମାତ୍ରେ ସହଜରେ ବୁଝାଯାଉଛି ମାତ୍ର ଓଡ଼ିଆଗେଜେଟର ବିଜ୍ଞାପନ ଭ୍ରମରେ ପକାଇ ଦେଉଅଛି। ଏଥିର କାରଣ କଣ? ବୋଧହୁଏ ଉକ୍ତ ଅନୁବାଦକ ଇଂରେଜୀଶବ୍ଦର ପରିବର୍ତ୍ତେ ଗୋଟିଏ ଓଡ଼ିଆଶବ୍ଦ ବସାଇ ଦିଅନ୍ତି, ଓଡ଼ିଆରେ ସେ ଭାବ ପ୍ରକାଶ ପାଉଛି କି ନା ଦୃଷ୍ଟି ନ ରଖନ୍ତି ଯଥା "uncancelled" ପରିବର୍ତ୍ତେ "ଅକର୍ମଣ୍ୟ ହୋଇ ନ ଥିବା" ଏ ଶବ୍ଦଟି ବଙ୍ଗଳା ଆଇନରେ ଅଛି ବୋଧହୁଏ ସେଥିରୁ କିମ୍ବା ବଙ୍ଗଳାଗେଜେଟରୁ ନେଇଛନ୍ତି। ଆଉ ଅର୍ଥକୁ ଦୃଷ୍ଟି ନାହିଁ। ଅନେକ କଥାତ ବଙ୍ଗଳାଗେଜେଟରେ ବାହାରିଲେ ଯାଇଁ ପଛେ ଓଡ଼ିଆଗେଜେଟରେ ବାହାରେ। ଏଥି ପୂର୍ବେ ଆପଣ ତାଙ୍କର ଅନେକ ଭୁଲ ଦର୍ଶାଇ ଥିବାରୁ ତଦନ୍ତ ଲାଗିଥିଲା, ଫଳ କଣା ନାହିଁ। ଷ୍ଟେଟ ଲେସିସାହେବଙ୍କ ଓଡ଼ିଆ ଭାଷା ବଡ଼ ଦୋଷଯୁକ୍ତ ହେଉଥିଲା, ଚତୁର୍ଭୁଜ ବାବୁ ଏ କାର୍ଯ୍ୟରେ ନିଯୁକ୍ତ ହେବାରୁ ଶୁଦ୍ଧ ଓଡ଼ିଆ ଲେଖାର ଆଶା କରିଥିଲୁଁ ମାତ୍ର ଏ ଲେସିସାହେବଠୁଁ ବଳିଲେ

ବୃଥା ଏହାଙ୍କ " ବ " " ଏ " ଉପାଧି ।—
ଅଧିକଂ ଗୃହ୍ଣାଗି ।

କଟକ
୧୫।୧୨।୮୬ } ଲେଖକ

---

ନିବେଦନ ।

( ପୂର୍ବପ୍ରକାଶିତ ପରସ୍ତରୁ )

୪ । " ବ୍ରାହ୍ମସମାଜର ସ୍ୱୀକୃତ ବ୍ରାହ୍ମଧର୍ମ୍ମ-ପୁସ୍ତକ ଅନାଲୋଚନା କଲେ " ଇତ୍ୟାଦି । ବ୍ରାହ୍ମସମାଜର " ସ୍ୱୀକୃତ " ବ୍ରାହ୍ମଧର୍ମ୍ମପୁସ୍ତକ ନ ଲେଖିଲେ ଠିକ୍ ହୁଅନ୍ତା । କାରଣ, ଅନେକ ଲୋକ କୌଣସି ଉଦ୍ଦେଶ୍ୟରେ ଏକତ୍ରିତ ହେଲେ ସେହି ସମଷ୍ଟିର ନାମକୁ ସମାଜ କୁହାଯାଏ । ବ୍ରାହ୍ମସମାଜର ଅନ୍ତର୍ଗତ ସକଳ ବ୍ରାହ୍ମବର୍ଗଙ୍କ ଦ୍ୱାରା ଏହି ପୁସ୍ତକ ସ୍ୱୀକୃତ ହୋଇ ନାହିଁ । କିନ୍ତୁ ପ୍ରଧାନ ଆଚାର୍ଯ୍ୟ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଓ ତାହାଙ୍କର କେତେକ ଜଣ ବିଶ୍ୱସ୍ତ ବନ୍ଧୁଙ୍କର ସାହାଯ୍ୟରେ ଏହି ପୁସ୍ତକ ସଙ୍କଳନ ଓ ପ୍ରକାଶିତ ହୋଇଅଛି ଏ କଥା ଲେଖିବାର ତାତ୍ପର୍ଯ୍ୟ ଏହି ଯେ ଏହି ପୁସ୍ତକର କୌଣସି ସ୍ଥାନରେ ଯଦି କିଛି ଭୁଲ୍ ଥାଏ, ତେବେ ସେଥି ନିମନ୍ତେ ସମସ୍ତ ବ୍ରାହ୍ମ-ସମାଜ ଦାୟୀ ନୁହନ୍ତି ।

୫। ଲେଖକ ଲେଖିଅଛନ୍ତି ବ୍ରାହ୍ମଧର୍ମନାମକ ପୁସ୍ତକରେ ଋଗ୍‌ବେଦ ଶ୍ରୁତିକର ଅର୍ଥ ଏପରି କପଟଭାବରେ କରା ଯାଇଅଛି ଯେ, ତହିଁରେ ଅଜ୍ଞମାନେ ଅନାୟାସରେ ବଞ୍ଚିତ ହୋଇ ପଡ଼ିବେ ।

ବେଦ ଅତି ପ୍ରାଚୀନଗ୍ରନ୍ଥ । ଏହାର ଭାଷା ଅତିଶୟ କଠିନ ଓ ଜଟିଳ । ତହିଁରେ ପୁଣି ବୈଦିକକାଳର ଆଚାର ବ୍ୟବହାର, ରୀତି ନୀତି ପରିବର୍ତ୍ତିତ ହୋଇ ହିନ୍ଦୁସମାଜ ବର୍ତ୍ତମାନ ଏକ ପ୍ରକାର ନୂତନ ଆକାରରେ ଗଠିତ ହୋଇଅଛି । ବୈଦିକସମୟର ହିନ୍ଦୁସମାଜ ଓ ବର୍ତ୍ତମାନସମୟର ହିନ୍ଦୁସମାଜ ସମ୍ପୂର୍ଣ୍ଣ ଭିନ୍ନ ବସ୍ତୁ କହିଲେ ଅତ୍ୟୁକ୍ତି ହେବ ନାହିଁ: ଅତଏବ ଏତେ ପ୍ରାଚୀନକାଳର ଦୁରୂହ ଓ କଠିନଗ୍ରନ୍ଥର ଅର୍ଥବୋଧ ଓ ବ୍ୟାଖ୍ୟା କରିବାକୁ ଅଗ୍ରସର ହେଲେ କୌଣସି କୌଣସି ସ୍ଥାନରେ ଅଥବା ଅନେକସ୍ଥାନରେ ଅର୍ଥକାରକଙ୍କୁ ଭ୍ରମ-ରେ ପଡ଼ିବାର ସମ୍ଭାବନା । ଏହା କିଛି ବିଚିତ୍ର ନୁହେ । ପ୍ରଧାନଆଚାର୍ଯ୍ୟ ମହାଶୟ ଯେତେ-ବେଳେ ସେହି ଦୁରୂହକାର୍ଯ୍ୟରେ ( ବେଦ ବ୍ୟାଖ୍ୟାରେ ) ପ୍ରବୃତ୍ତ ହୋଇଅଛନ୍ତି, ସେତେ-ବେଳେ ତାହାଙ୍କର ମଧ୍ୟ କୌଣସି କୌଣସି-ସ୍ଥଳରେ ସେହିପରି ଭ୍ରମପ୍ରମାଦ ଘଟିଥିବ, ଏହା କିଛି ଆଶ୍ଚର୍ଯ୍ୟ ନୁହେ ।

ଆଉ ଯଦିବା ଶ୍ଳୋକାର୍ଥ କରିବାକୁ ଯାଇ କୌଣସି କୌଣସିସ୍ଥଳରେ ଭ୍ରମ ଘଟିଥାଏ, ତଥାପି ଏଥିରେ କୌଣସି ଅନିଷ୍ଟାଶଙ୍କା ହେଉ ନାହିଁ । କାରଣ ଏହି ଗ୍ରନ୍ଥକୁ ବ୍ରାହ୍ମମାନେ କିଛି ଅଭ୍ରାନ୍ତ ବେଦ ବୋଲି ସ୍ୱୀକାର କରନ୍ତି ନାହିଁ କିମ୍ବା ସ୍ୱୀକାର କରିବା ନିମନ୍ତେ କାହାରିକୁ ବାଧ୍ୟ କରନ୍ତି ନାହିଁ । ବ୍ରାହ୍ମସମାଜର ଅନ୍ତର୍ଗତ ଏପରି ଅନେକଲୋକ ଅଛନ୍ତି ଯେଉଁମାନେ ଏହି ପୁସ୍ତକ ପଢ଼ିବା ଦୂରେ ଥାଉ ଦର୍ଶନ କିମ୍ବା ସ୍ପର୍ଶ କରି ନାହାନ୍ତି, ଅଥଚ ବ୍ରାହ୍ମ ବୋଲି ପରିଚିତ ହେଉଅଛନ୍ତି ।

ଏହି ଗ୍ରନ୍ଥର ଶ୍ଳୋକାର୍ଥ ସବିଶେଷ ରୂପେ ଠିକ୍ କି ନା, ସେ ବିଷୟରେ ସ୍ପଷ୍ଟ ସାକ୍ଷ୍ୟ ଦେଇ ନ ପାରୁଁ, ତେବେ ଏତିକି କହିପାରୁଁ କି ଏଥିରେ ଯେଉଁସବୁ ବିଷୟ ଲିଖିତ ହୋଇଅଛି, ଯେଉଁ ସବୁ ଭାବ ସନ୍ନିବେଶ କରା ହୋଇଅଛି, ତାହା ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତିର ପକ୍ଷରେ ଅନୁ-କୂଳ ଅଟଇ । ବେଦର ଶ୍ଳୋକାର୍ଥ ବୋଲି ଯେ ଅମ୍ଭେମାନେ ଏହି ପୁସ୍ତକକୁ ଅଧିକ ସମାଦର କରୁଁ ତାହା ନୁହେ । ଏହି ଗ୍ରନ୍ଥ ବେଦର ଶ୍ଳୋକାର୍ଥ ନ ହୋଇ ଯଦି ପ୍ରଧାନଆଚାର୍ଯ୍ୟଙ୍କର ସ୍ୱରଚିତ ହୁଅନ୍ତା ତାହା ହେଲେ ସୁଦ୍ଧା ସେହିପରି ଆଦର କରିବାକୁ କୁଣ୍ଠିତ ହୁଅନ୍ତୁ ନାହିଁ । ପୁଣି ତହିଁ ସଙ୍ଗେ ସଙ୍ଗେ ଏକଥା ମଧ୍ୟ ସ୍ୱୀକାର କରୁଅଛୁଁ କି ଲେଖକ ତାହାଙ୍କ ଗ୍ରନ୍ଥରୁ ଯଦି କିଛି ଭ୍ରମ ଦେଖାଇ ଦିଅନ୍ତି ତାହା ହେଲେ ଅମ୍ଭେ-ମାନେ ତାହାକୁ ସଂଶୋଧନ କରିବାକୁ ଓ ତହୁଁପରେ ସ୍ୱକର୍ଣୋପଯୋଗୀ ହେଲେ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛୁଁ ।

କିନ୍ତୁ ବେଦର ଅର୍ଥ କପଟଭାବରେ କରା-ଯାଇଅଛି ବୋଲି ଲେଖକଙ୍କୁ ଏକସ୍ଥାନରେ ଲେଖିବାର ଦେଖି ଅତ୍ୟନ୍ତ ଦୁଃଖିତ ହେଲୁଁ । ଅବଶ୍ୟ ମହର୍ଷିଙ୍କଲିଖିତ ଗ୍ରନ୍ଥର କୌଣସି-ସ୍ଥାନରେ ଭ୍ରମ ଥାଇପାରେ ସତ୍ୟ, ଏହା ମୁଁ ପୂର୍ବରୁ ସ୍ୱୀକାର କରିଅଛୁ । କିନ୍ତୁ ସେ ଯେ କପଟଭାବରେ ଅର୍ଥ କରି ଅଜ୍ଞମାନଙ୍କୁ ଭୁଲାଇ ବ୍ରାହ୍ମ କରିବା ସକାଶେ ଏହି ଗ୍ରନ୍ଥ ପ୍ରକାଶ କରିଅଛନ୍ତି, ଏହା ବିଶ୍ୱାସଯୋଗ୍ୟ ହେଉ ନାହିଁ । ଗତ ଦୁଇବର୍ଷ ପୂର୍ବେ ଯେତେବେଳେ ପ୍ରଧାନ ଆଚାର୍ଯ୍ୟମହାଶୟ ହିମାଳୟରୁ ଆସି ଏକଦିନ କଲିକତା ସାଧାରଣ ବ୍ରାହ୍ମସମାଜର ଉପାସନା-ଳୟରେ ଉପାସନା କରିଥିଲେ, ସେହିଦିନ ମୁଁ ସ୍ୱଚକ୍ଷୁରେ ଦେଖିଅଛି ଶତ ଶତ ହିନ୍ଦୁ ତାହାଙ୍କ ସମ୍ମାନ କରିବା ନିମନ୍ତେ ଅଗ୍ରସର ହୋଇ-ଥିଲେ । ସେ ଯେ କେବଳ ବ୍ରାହ୍ମମାନଙ୍କ ନିକ-ଟରେ ମାନ୍ୟ ଏମନ୍ତ ନୁହେ, କିନ୍ତୁ ଶତ ଶତ ଗଣ୍ୟ ମାନ୍ୟ ହିନ୍ଦୁଙ୍କ ନିକଟରେ ମଧ୍ୟ ପୂଜନୀୟ ବ୍ୟକ୍ତି । ସେଉଁ ବ୍ୟକ୍ତି ଏତେଦୂର ଉଚ୍ଚଆସ-ନରେ ପ୍ରତିଷ୍ଠିତ, ତାହାଙ୍କପ୍ରତି ହଠାତ ଏମନ୍ତ ଅପ୍ରିୟ କଠୋରବାକ୍ୟ ପ୍ରୟୋଗ କରିବା କେତେଦୂର ସଙ୍ଗତ ହୋଇଅଛି ଲେଖକ ଥରେ ଧୀରଭାବରେ ଚିନ୍ତା କରି ଦେଖିବେ, ମୋହର ଏହିମାତ୍ର ନିବେଦନ । କ୍ରମଶଃ

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ

କଟକ

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପା-
ଦକ ମହାଶୟ ସମୀପେଷୁ ।

ଅତ୍ର ନିମ୍ନ ଲିଖିତ ପଦ୍ୟ କତିପୟ ପଂକ୍ତିକୁ ଆପଣଙ୍କ ଜଗଦ୍ୱିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ଯହିଁ ଅବନୀ ର ଛବି ମାନସ ।
ପୂର୍ଣ୍ଣଚନ୍ଦ୍ରମା ରୁ ଦୟ ସଦୃଶ ॥ ୧ ॥
ହୋଇ ସେ କିମ୍ପା ବି ଘନଅଛନ୍ତି ।
ହେଲା ସଭରେ କ ରହି ଗୋପନ ॥ ୨ ॥
ଭୂମଣ୍ଡଳୁ ଉ ଷା ସ କାଳେ ଧନ୍ୟ ।
କୁସି ମନୋହ ର ନନ୍ଦନନ ॥ ୩ ॥
ଜାତ କରଣେ ଶ୍ରୀ ପଟ୍ଟମହିଷୀ ।
ତୁଷ୍ଟି ପୁଷ୍ଟି ମ ନ ସକଳେ ଅସି ॥ ୪ ॥
ନାନା ଉତ୍ସବେ ବ ଶ ଦନ ସଙ୍ଗୀ ।,
ଆବାଳ ବୃଦ୍ଧ ଯୁ ବକ ଯୁବତୀ ॥ ୫ ॥
ସମସ୍ତଙ୍କର ବ ଢ଼ିଛି ପ୍ରବନେ ।
ସୁଖମୟ ଯା ଗୁ କାର ସେ ଜନେ ॥ ୬ ॥
ଭାସି ତାଙ୍କୁହିଁ କ ଗତ ଜୀବନେ ।
ଏମ୍ବ୍ରଜ ଯା ନ ସ୍ଥାନ ଜନେ ॥ ୭ ॥
ପ୍ରଜାପାଳ ଦୁ ର୍ଦ୍ଦ ଟନା ଛେଦନେ ।
ଦୃଢ଼ହୋନ୍ତୁ ଥ ଙ୍କୀ କ ପୁଣ୍ୟ ଦାନେ ॥ ୮ ॥
ହେଉନ୍ତୁ ନୂର ଙ୍କୀ ର କୁଳେ ଖ୍ୟାତ ।,
କୀର୍ତ୍ତିକୁସୁମ ହେ ଉ ଭକ୍ତି ଜାତ ॥ ୯ ॥
ସେମ୍ବାସ ଯା ଉ ଦେଶ ବିଦେଶ । ।
ଉତ୍କଳ ଲବ ଲୁ ପୁର୍ଣ୍ଣ ପ୍ରହାସ ॥ ୧୦ ॥

ଶ୍ରୀ———

# ବି ଜ୍ଞା ପ ନ ।

## ଅତିସୁଲଭ ।

ଉତ୍କଳଦୀପିକାର ବାର୍ଷିକ ଅଗ୍ରିମ ମୂଲ୍ୟ ୩୯ ଙ୍କା ଓ ଡାକମାସୁଲ ଟ ୦ ୬ ଧାର୍ଯ୍ୟ ଅଛି । ସଙ୍ଗତିପନ୍ନ ବ୍ୟକ୍ତିମାନେ ଅନାୟାସରେ ଏହି ମୂଲ୍ୟ ଦେଇ ପତ୍ରିକା ନେଇ ଅସୁଥିଲେ କିନ୍ତୁ ଓଡିଶା ଅବସ୍ଥାଦୃଷ୍ଟିରେ ଅନେକଲୋକଙ୍କ ପକ୍ଷରେ ଉଚ୍ଚ ଥିବାର ବୋଧ ହେଲା । ଅତଏବ କଟକ ପ୍ରିଣ୍ଟିଂକମ୍ପାନି ଅଧିକ ପ୍ରଚାର ଉଦ୍ଦେଶ୍ୟରେ ନିୟମ କରୁଅଛନ୍ତି ଯେ ଆଗାମୀବର୍ଷ ଅର୍ଥାତ ସନ ୧୮୮୭ ସାଲ ଜାନୁଆରୀ ମାସ ଆରମ୍ଭଠାରୁ ଉତ୍କଳଦୀପିକାର ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯ ଙ୍କା ଧାର୍ଯ୍ୟ ହେବ । ଏହି ମୂଲ୍ୟରେ ସଦର ମୋଫସଲ ସବୁଠାରେ ଦିଆଯିବ । ଯାହାଙ୍କଠାରେ ବକାୟା ଅଛି ସେମାନେ ସମସ୍ତ ବାକୀ ଆଦାୟ କରି ଅଗ୍ରଭାଗ ମୂଲ୍ୟ ଦେଲେ ଏହି ନିୟମର ଫଳ ପାଇବେ । ବକାୟା ଦରର କିଛିମାତ୍ର ବର୍ଜନ ହୋଇ ନାହିଁ ।

କଟକ ପ୍ରିଣ୍ଟିଂକମ୍ପାନି } ଶ୍ରୀ ଗୌରୀଶଙ୍କର ରାୟ
୨୩।୧୨।୮୬ } ସେକ୍ରେଟରୀ

---

**NOTICE**

Is hereby given that one Compounder is required for the Pooree Municipal Dispensary at Rs. 8 per mensem. None need apply who has not passed the Compoundership Examination and has no knowledge in English.

Application will be received by the undersigned on or before the 5th Proximo.

Municipal office Pooree, the 18th Decr. 1886. } Nityanand Das *Chairman* of Pooree Municipality.

---

ପ୍ରଜାବନ୍ଧୁର ଉପହାର—

ବଗଟ । ବଗଟ !! ବଗଟ !!!

ପ୍ରଜାବନ୍ଧୁ ଏବଂ Amateur workshop ଅଗ୍ରିମ ଏବଂ ପଶ୍ଚାଦେୟ ଉପହାର !

ଅଶ୍ରୁତପୂର୍ବ ଭୋଗ କରିବାର ସାମଗ୍ରୀ ।

ଭାରତବର୍ଷରେ କିମ୍ବା ପୃଥିବୀର ଅନ୍ୟ କୌଣସିଠାରେ ବୃହତ ଏପରି ବଗଟ ଉପହାର ଏପର୍ଯ୍ୟନ୍ତ ବିତରଣ ହୋଇ ନାହିଁ ।

୧୦୦, ୦୦୦ ଗ୍ରାହକ ।

୧୦୦, ୦୦୦ ଅଗ୍ରିମ ଏବଂ ପଶ୍ଚାଦେୟ ଉପହାର !!

ପ୍ରଜାବନ୍ଧୁର ଏବଂ Amateur Workshop ଅଗ୍ରିମମୂଲ୍ୟ ମଧ୍ୟ ଡାକମାସୁଲ ଏକବର୍ଷ ଦ୍ୱାଦଶମାସ ପାଇଁ ଟ ୨ ଦୁଇଟଙ୍କା

ପୃଥକ୍‌ରୂପେ ପ୍ରଜାବନ୍ଧୁ ପାଇଁ ଡାକମାସୁଲ ସହିତ ଟ ୧ ଏକଟଙ୍କା

Amateur Workshop ଡାକମାସୁଲ ସହିତ ଟ ୧।୦ ଦେଢ଼ଟଙ୍କା

ପ୍ରଜାବନ୍ଧୁର ପ୍ରଥମ ଉପହାର ଶେଷ ହେଲା । ହିମାଳୟଠାରୁ କୁମାରିକା ଓ ବ୍ରହ୍ମଦେଶଠାରୁ କରାଚି ପର୍ଯ୍ୟନ୍ତ ସମସ୍ତ ଜାତୀୟ ଲୋକେ ଗ୍ରାହକଶ୍ରେଣୀଭୁକ୍ତ ହୋଇଅଛନ୍ତି । ତଥାପି ପ୍ରଜାବନ୍ଧୁର ଦ୍ୱିତୀୟ ଉପହାର ବିତରଣପାଇଁ ଦିନ ଦିନ ଶତ ଶତ ଅନୁରୋଧ ପତ୍ର ଆସୁଅଛି । ସେମାନଙ୍କ ଅନୁରୋଧରେ ବାଧ୍ୟ ହୋଇ ଆମ୍ଭେମାନେ ଅଦ୍ଭୁତ ଦ୍ୱିତୀୟ ଉପହାର ବିତରଣର ଆୟୋଜନରେ ପ୍ରବୃତ୍ତ ହେଲୁଁ । ଆଶା କରୁଁ ଗ୍ରାହକମାନେ ଅନୁଗ୍ରହବର୍ଷଣରେ ଉତ୍ସାହିତ କରିବେ ଏଥର ଆୟୋଜନର କଥା ଶୁଣି ସନ୍ତୁଷ୍ଟ ହେବେ । ଯେଉଁମାନେ ପ୍ରଜାବନ୍ଧୁ ଏବଂ Amateur Workshop ଉଭୟ ପତ୍ରିକାର ଗ୍ରାହକ ଶ୍ରେଣୀଭୁକ୍ତ ହେବେ, ସେମାନଙ୍କ ସକାଶେ ଦୁଇପ୍ରକାର ଉପହାରର ଆୟୋଜନ ହୋଇଅଛି ।

ଉପହାରର ବିବରଣ ।

ଅଗ୍ରିମ ଦେୟ ।

ରୌପ୍ୟ ଅଳଂକାର ଯଥା—ତାଡ଼ାନନ୍ଦିତ ଫୁଲ, ମଥାର କଣ୍ଠା, ହାତର ଏବଂ ଗଳାର ହାର, ଝୁମକା, ଇୟାରିଂ, ମୁଦ, (ଘଡ଼ିର ଓ୍ୟାଚ ଘଡ଼ି ଇତ୍ୟାଦି । ୩ୟ ନିୟମ ଦେଖନ୍ତୁ) ।

ପଶ୍ଚାଦେୟ ।

| | | |
|---|---|---|
| ପ୍ରଥମ ଉପହାର | ନଗଦ ଟ | ୨୦୦୦୦ ଙ୍କା |
| ଦ୍ୱିତୀୟ ଉପହାର | ନଗଦ ଟ | ୨୦୦୦ ଙ୍କା |
| ତୃତୀୟ ଓ ଚତୁର୍ଥ ଉପହାର ନଗଦ | ଟ | ୫୦୦ ଙ୍କା |

ହିସାବରେ ୫ମଠାରୁ ୧୦୪ ର୍ଥ ପର୍ଯ୍ୟନ୍ତ ଉପହାର ନଗଦ ଟ ୫୦ ଙ୍କା ଲେଖାଏ । ଅବଶିଷ୍ଟ ସୁନାରୁପାର ଗହଣା, ସୁନାର ଏବଂ ରୁପାର ଘଡ଼ି, ନାନାବିଧ ପଶମୀ ରେଶମୀ ଏବଂ ସୂତାର ଲୁଗା ଏବଂ ଶାଲ ରେପର, ଷମପୁଷ୍ଟ ଶୃଦର, ଅଲେଷ୍ଟାର ବୋମ୍ବାଇ ଓ ବନାରସୀ ଶାଢ଼ୀ ଫରେଶଡାଙ୍ଗାର ଭଲ ଭଲ ଯୋଡ଼ା ଓ ଶାଢ଼ୀ ଜାମା ଇତ୍ୟାଦି ।

ନିୟମାବଳୀ ।

୧ । ଯେଉଁମାନେ ପ୍ରଜାବନ୍ଧୁ ଏବଂ Workshop ଏଥିର ଦ୍ୱାଦଶମାସର ମୂଲ୍ୟ ଟ ୨ ଙ୍କା ପଠାଇ ଦେବେ ସେ ଟଙ୍କା ଆମର ହସ୍ତଗତ ହେବାଠାରୁ ତରଣ ଦିନ ମଧ୍ୟରେ ସେମାନେ ଗୋଟିଏ ଅଗ୍ରିମ ଉପହାର ପାଇବେ । ପରେ ଡିସେମ୍ବର ତା ୩୧ ର ଶେ ଯେଉଁ ବଗଟ ଉପହାର ବିତରଣ ହେବ ତହିଁରୁ ମଧ୍ୟ ଗୋଟିଏ ପାଇବେ ଏବଂ ସନ ୧୮୮୭ ସାଲର ଜାନୁଆରୀ ମାସଠାରୁ ଦ୍ୱାଦଶମାସ ପାଇଁ ଦୁଇଖଣ୍ଡ କାଗଜ ପାଇବେ ।

୨ । ଯେ କେବଳ ପ୍ରଜାବନ୍ଧୁର ବା କେବଳ Workshop ଏଥିର ଗ୍ରାହକଶ୍ରେଣୀଭୁକ୍ତ ହେବେ ସେ ଅଗ୍ରିମ ବା ପଶ୍ଚାଦେୟ ଉପହାର ପାଇବେ ନାହିଁ ।

୩ । ଯେଉଁମାନେ ପାଞ୍ଚୋଟି ବା ତତୋଧିକ ଗ୍ରାହକଙ୍କର ମୂଲ୍ୟପଠାଇବେ ସେମାନଙ୍କୁ "ଏଜେଣ୍ଟ ବୋଲି ଗଣନା କରାଯିବ । ଯେଉଁ ଏଜେଣ୍ଟ ୧୦ ସମନ୍ଧରେ ନିଜର ପକ୍ଷରୁ ଜାର ନ ୫ ଣ ଗ୍ରାହକର ଏକ ବା ପୃଥକ ନାମରେ ମୂଲ୍ୟ ପଠାଇବେ, ତାହାଙ୍କୁ ଗୋଟିଏ ରୁପାର ଅଳଙ୍କାର ଦିଆଯିବ । ଯେ ଦଶଜଣର ଦେବେ ସେ ଗୋଟିଏ Time-piece ଘଡ଼ି ପାଇବେ । ଯେ ଜ ୨୦ ଣର ଦେବେ ସେ ଗୋଟିଏ ଓ୍ୟାଚ ପାଇବେ । ଏହା ଛଡ଼ା ପ୍ରତ୍ୟେକ ଗ୍ରାହକ ପ୍ରଥମ ନିୟମରେ ଲିଖିତ ଉପହାର ଏବଂ ଟିକିଟ ପାଇବେ ।

୪ । ପ୍ରଜାବନ୍ଧୁ ଏବଂ Workshop ର ଏକବର୍ଷ ଦ୍ୱାଦଶମାସର ମୂଲ୍ୟହିଁ ଟ ୨ ଙ୍କା ସମସ୍ତେ ବଡ଼ପେଡ ଦୃଷ୍ଟି ରଖିବେ ଯେ ଏହି ସମସ୍ତ ଦ୍ରବ୍ୟାଦି ଅମ୍ଭେମାନେ ଗ୍ରାହକମାନଙ୍କୁ ଉପହାର ସ୍ୱରୂପ ଦାନ କରୁଅଛୁଁ । ତା ୨୫ ରଖ ଡିସେମ୍ବର ପୂର୍ବରେ ଯେଉଁ ପରିମାଣରେ ଗ୍ରାହକ ସଂଖ୍ୟା ହେବ ସେହି ପରିମାଣରେ ନଗଦ ଟଙ୍କାର ଉପହାର ମଧ୍ୟ କମ ହେବ । ଅନ୍ୟାନ୍ୟ ସମ୍ବନ୍ଧରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ।

୫ । ଉପହାର ବିତରଣ ସନ ୧୮୮୭ ମସିହା ତା ୩୧ ରଖ ଡିସେମ୍ବରରେ ଆରମ୍ଭ ହେବ ।

୬ । ରସିଦ ଓ ଅଗ୍ରିମ ଏବଂ ପଶ୍ଚାଦେୟ ଉପହାର ପଠାଇବାର ଖର୍ଚ୍ଚ ଗ୍ରାହକମାନଙ୍କୁ ଦେବାକୁ ହେବ ।

୭ । ଗ୍ରାହକମାନେ ପୋଷ୍ଟାଲ ମଣିଅର୍ଡର ବ୍ୟତିରେକେ ଅନ୍ୟ ଉପାୟରେ ମୂଲ୍ୟାଦି ପ୍ରେରଣ କରିବେ ନାହିଁ । ଅନ୍ୟ ଉପାୟରେ ପଠାଇଲେ ଅମ୍ଭେମାନେ ଦାୟୀ ନୋହୁଁ । ମଣିଅର୍ଡରର କୁପନରେ ସ୍ପଷ୍ଟ କରି ନାମଧାମ ଓ ଟଙ୍କାର ସଂଖ୍ୟା ଲେଖି ନ ଦେଲେ ଅମ୍ଭେମାନେ ସେ ଟଙ୍କାର ଦାୟୀ ହେଲୁଁ ନାହିଁ । ବରଂ ସେ ରୂପରେ ମଣିଅର୍ଡରର ଟଙ୍କା ହସ୍ତଗତ ହେଲେ ତାହା ଫେରିଦେବାକୁ ବାଧ୍ୟ ହେଉଁ ନାହିଁ । ଯେଉଁମାନେ ପାଞ୍ଚ କିମ୍ବା ତତୋଧିକ ଗ୍ରାହକର ମୂଲ୍ୟ ପ୍ରେରଣ କରିବେ ସେମାନେ ଅନୁଗ୍ରହ କରି ସେମାନଙ୍କର ନାମଧାମ ଓ ଟଙ୍କାର ସଂଖ୍ୟା ଓ ନାମ ତଳରେ ଏଜେଣ୍ଟ କଥାଟି ମଣିଅର୍ଡରର କୁପନରେ ଏବଂ ସ୍ୱତନ୍ତ୍ର ପତ୍ରରେ ଗ୍ରାହକମାନଙ୍କର ନାମ ଧାମ ଲେଖି ଦେବେ । ଅନ୍ୟଥା କିମ୍ବା ଇନ୍ସପିରେଣ୍ଟ ପତ୍ର ଗୃହୀତ ହେବ ନାହିଁ । ଯେ ବ୍ୟକ୍ତି ଏତଦ୍ ସମ୍ବନ୍ଧୀୟ ଗାଚ୍ଛରି ଅନ୍ୟ ବିଷୟ ଜାଣିବାକୁ ଇଚ୍ଛା କରନ୍ତି ସେ ଉତ୍ତର ଟିକଟ ପଠାଇ ବା ରିପ୍ଲାଇ କାର୍ଡରେ ପତ୍ର ଲେଖିବେ । ନଚେତ୍ ତାଙ୍କ କଥାରେ ମନୋଯୋଗ ଦେବ ନାହିଁ ।

ଅଗ୍ରିମ ଦେୟ ଉପହାର ବିତରଣ କାର୍ଯ୍ୟ ଅତି ଶୀଘ୍ର

ରହିବ ସେଥିପାଇଁ ଅବଶୀଘ୍ର ନିମ୍ନସ୍ୱାକ୍ଷରକାରୀ ଦୁଇଜଣଙ୍କ ମଧ୍ୟରୁ ଯେକୌଣସି ଜଣଙ୍କ ନିକଟକୁ ମୂଲ୍ୟ ପ୍ରେରଣ କରିବେ ।

କଟକନଗର ତା ୧୯ଶେ ସେପ୍ଟମ୍ବର ୧୮୮୬ } ଶ୍ରୀ ଉମାଚରଣ ବନ୍ଦ୍ୟୋପାଧ୍ୟାୟ ପ୍ରିଣ୍ଟିଂର କାର୍ଯ୍ୟାଧ୍ୟକ୍ଷ
S. Basu
Managere Amatear Workshop.

## ପୁସ୍ତକ ବିତରଣ ।

ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ତାଳଚେରଦୁର୍ଗାଧିପତି ଏଥିପୂର୍ବେ ଅମୃତବୋଧ ପୁସ୍ତକ ଅନୁବାଦସହିତ ପ୍ରକାଶ କରି ସର୍ବସାଧାରଣଙ୍କୁ ବିନା ମୂଲ୍ୟରେ ବିତରଣ କରିଥିଲେ ଏବଂ ଅଦ୍ୟାପି ତାହାଁର କେତେକଖଣ୍ଡ ବାକି ଥିବାରୁ ବଣ୍ଟନ ହେଉଅଛି । ସମ୍ପ୍ରତି ବେଦାନ୍ତରତ୍ନାବଳୀ ଦ୍ୱାଦଶଯୁକ୍ତ ଅପରୋକ୍ଷାନୁଭୂତି ନାମକ ସଂସ୍କୃତଗ୍ରନ୍ଥ ଉତ୍କଳଅନୁବାଦସହିତ ପ୍ରକାଶ କରି ବିନାମୂଲ୍ୟରେ ବିତରଣ କରିବା କାରଣ ଅମ୍ଭଙ୍କୁ ଆଦେଶ କରିବାରୁ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଯାହାଙ୍କର ଏ ପୁସ୍ତକ ପାଠ କରିବାକୁ ଆଗ୍ରହ ହେବ ଅମ୍ଭ ନିକଟକୁ ପତ୍ର ଲେଖିଲେ ପଠାଇ ଦେବୁଁ । ଯେଉଁମାନେ ଡାକଦ୍ୱାରା ପୁସ୍ତକ ପାଇବାର ଇଚ୍ଛା କରିବେ ସେମାନେ ଦୁଇପଇସିଆ ଡାକଟିକଟ ଏକଖଣ୍ଡ ପଠାଇବେ

୨୩।୧୨।୮୬ } ଶ୍ରୀ ଗୌରୀଶଙ୍କର ରାୟ
କଟକପ୍ରିଣ୍ଟିଂକମ୍ପାନୀ ସମ୍ପାଦକ

## ମେହରୋଗ ।

ଘ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚାର୍ଦ୍ଧ ଶୀଘ୍ରଣ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାଯ୍ୟେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତ୍ରଗୃହରେ ପରିଣତ ନ ହେଲେ ଔଷଧ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ନମ୍ବର ଭବନରେ ଯି, କେ, ରାୟ କମ୍ପାନିଙ୍କଠାରେ ଏବଂ କଟକ

ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସିସି ୨୫ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବନ୍ଧୁ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ | ପଣ | ବାଲିକା କାଗଜ | ପ୍ର ୧୬ ଟ ୨୷ |
| ୧୦ | ପଣ | ,, | ,, ଟ ୨। |
| ୧୨ | ପଣ | ,, | ,, ଟ ୧୷ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୧ ୫ମ ବା ଅଧିକ କ୍ରୟ କରିବେ ଆହୁରି ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତନରକୋଣା ଓ କଲିକତା ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ କଲିକତା ଇମାରତ ସରଞ୍ଜାମ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦାନୀନ୍ତନ ଆଉ କେତେକ ଫେନସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବଲେଇ ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପର୍ଯ୍ୟନ୍ତ ଆପଣା ମଜଲିସ ସକାଶେ ଭଡ଼ା ନେବାକୁ ଇଚ୍ଛା କରନ୍ତି ତେବେ ଏକ ରାତିକୁ ଫି ବତି ୦୵୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର କ୍ଷତି ଖେସାରତର ଭାର ତାଙ୍କ ଉପରେ ଥିବ । କ୍ଷତି ହେଲେ ଝାଡ଼ର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ତଫସିଲ ।

| | |
|---|---|
| କାଚର ଗେଲାଶ ଓ ଡାବା ଚାମଚ କରଚା ମଲେ । | କାଚ ଡିସରା ଖାନ ଓ ବଡ଼ ଚଟିନ ଓ ସାଦା |
| ଚକୋଲେଟ | ଦରସି ଟେବିଲ |
| ବରେସୀଲ୍ ଚେଲ ଜଡ଼ିତ ଶେଳ ସାଦା ଓ ରୋମ ସହିତ । | ଅଭଙ୍ଗ ବୃକ୍ଷିତସନ୍ଦୁକ ,, ଏକପଟ ଟ୍ରିଙ୍କ ନେଲସନ ଉଦ୍ଯୋଗ ମେ କେସର ଅଏଲ |

ଡ୍ରଇଂ ଅର୍ଥାତ୍ ନକସା କରିବା କାଗଜ ପେନ୍ସିଲ ଓ କଲମ ।
ପେନ୍ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ପଠନ କାଗଜ ଓ ଲଫାଫା
ଡ୍ରେସିଂ କ୍ଲୋଥ ।
ଟେବଲ ଛତ ।
କପଡା ସାବୁନ ।
ଚାକରି ସାବାଜ ଯନ୍ତ୍ରରେ ଭୂଷା ପରିଷ୍କାର ହୁଏ ।
ଅଟୋମ ଗ୍ରେନ—ଅର୍ଥାତ୍ ସ୍ୱୟଂକ୍ରିୟ ତୁଳା ।
ଅଏଲ କ୍ଲଥ ।
ଓଭାଟଲ ସ୍ପଞ୍ଜ ଛଡା ।
କର୍ପୂର ଅର୍କ ।
କ୍ଲୋରୋଡାଇନ ।
ପୋଗଷ୍ଟ୍ରୁଜର କେଶର ମେଜ ଓ ଚଉକି ପୋଛିବା ସକେ
ଟୁଲ୍ କାଠ ଘର୍ଷାତ୍ ଲେଖିବାବେଳେ ଗଳ ଓ ଶୁଖିଲେ ଜଳ ହେବ ।
ଅଲଜା ତକ୍ତା
୧୨×୧୦ ଇଞ୍ଚ
୧୪×୧୨ ଇଞ୍ଚ
ପକେଟବୁକ ରଂଗଣ ପାଣ୍ଡି ସହିତ ଟ ୦ ।୵୬
ମୋଜା ଓ ମୋଜାବନ୍ଧ
ଉତ୍ତମ ଧୂଆ ନକସିଦାର
ଦରଜି ସାଟିନ ଛତା
କଟି ଓ ପାଇକର ଶୌଚ ଫିତା

ମାଟିର କାଚୀ ଭୂଷାଦି ତଳ ହେଲେ ଖୋଲରେ କଟନ ହେ ନାହିଁ ।
ଏ, ବୋଷଙ୍କ ଗମ୍ବରେ କାମିଜ ଓ ବୁରୁଶ ।
ତଗଡା ଅବ୍ରସ୍କେଟ ।
ଏକଡ଼ କାରସା ।
ମୁଅଡ ପେନ ।
ଅଟମେଟିକ ପେନ୍ସିଲ ଅର୍ଥାତ୍ ଏ ପେନସିଲ ଲେଡ ଭର୍ତ୍ତିଙ୍କ ଉଲ୍ ଭିତର ପେନ୍ସିଲ ଲେଖା ସରେ ସେତ ଉପ ଦେଲେ ତହିଁର ଲ ଉଠେ ।
କପିଙ୍ଗ ପେପର ।
କପିଙ୍ଗ ଟେବଲେ କାଉ ଝାଡ଼ ।
ରବରର ଷ୍ଟୋପର ଆ ପଠାଇ କଣ୍ଟର ତକାଇ ରଖନ୍ତି ।
ନମଗାମା ।
ରେଡ ବ୍ଲୁ ପେନ୍ସିଲ
ବ୍ରମ ବୋତଲ
ବନାରସୀ ଶାଢ଼ୀ ଓ ଦୋ ଓ ଜନ୍ଦ
ମଦସୁଦାବାଦ ଓ ପାଇ ଗାଉଯୋଡ଼ ଶାଢ଼ୀ ।
ଟ୍ରିଙ୍କ କାଠ

ଆଉ ଉତ୍ତରୋତ୍ତର ଜଣ୍ ଜଣ୍

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ । ବ...
ଏହି ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ଛପାଇବା ସକାଶେ

| | |
|---|---|
| ଆଠ ପଙ୍କ୍ତି | ଟ ୦୷ |
| ଅର୍ଦ୍ଧ ସ୍ତମ୍ଭ | ଟ ୨ ୮ |
| ପୂର୍ଣ ଏକ ସ୍ତମ୍ଭ | ଟ ୪ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଉ ତହିଁର ଦର ଟ ୦୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛାପିବା ସକାଶେ ଦର ପ୍ରଥମ ... ହେବ ଓ ଚତୁର୍ଥ ଥରଠାରୁ ... ହେବ ।

ଅଧିକ ଥର ଛାପିବା ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ... ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ...

ଏହି ଉତ୍କଳଦୀପିକା କଟକ ଦରଘାବଜାର
ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ।